# NATIONAL NEWS BULLETIN (ODIA)

## 13 November - 2025

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀର ଲାଲ୍‌କିଲ୍ଲା ଠାରେ କାର୍ ବିସ୍ଫୋରଣ ଜନିତ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ କେନ୍ଦ୍ର କ୍ୟାବିନେଟ୍‌ର ଦୃଢ଼ ନିନ୍ଦା ।

- ପ୍ରକଳ୍ପ ଚିତା ଅଧୀନରେ ଭାରତକୁ ଆଜି ୮ଟି ଚିତାବାଘ ହସ୍ତାନ୍ତର କରିବ ବୋତ୍ସ୍ୱାନା ।

- ବିହାର ବିଧାନସଭା ନିର୍ବାଚନ ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନର ଆସନ୍ତାକାଲି ହେବ ଭୋଟ୍ ଗଣତି ।

- ରପ୍ତାନୀ ସାମର୍ଥ୍ୟ ରଖିଥିବା ସମସ୍ତ ଜନଜାତି ଉତ୍ପାଦକୁ ଆନ୍ତର୍ଜାତିକ ବଜାରରେ ପ୍ରୋତ୍ସାହିତ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବେ ସରକାର, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ କୋଲକାତାରେ ।

# ଏନ୍‌ଟି. କ୍ୟାବିନେଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀ ଠାରେ କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମ୍ପ୍ରତି ଦିଲ୍ଲୀର ଲାଲ୍‌କିଲ୍ଲାଠାରେ ଏକ କାର୍ ବିସ୍ଫୋରଣ ଜନିତ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରାଯାଇଛି । ଏଥିସହିତ ଏହି ବିସ୍ଫୋରଣରେ ଜୀବନହାନୀ ହୋଇଥିବାରୁ ଦୁଃଖ ପ୍ରକାଶ କରାଯିବା ସହିତ ମୃତକଙ୍କ ସମ୍ମାନାର୍ଥେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଛି । ଦେଶର ଏବଂ ପ୍ରତ୍ୟେକ ନାଗରିକଙ୍କର ସୁରକ୍ଷା ଦିଗରେ ସରକାର ଏହି ବୈଠକରେ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି ।

ବୈଠକ ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ଏହି ବିସ୍ଫୋରଣରେ ଜୀବନହାନୀ ହୋଇଥିବା ମୃତକଙ୍କ ପରିବାରବର୍ଗ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ଏହାକୁ ଏକ କା-ପୁରୁଷ କାର୍ଯ୍ୟ ଭାବେ ଅଭିହିତ କରିବା ସହିତ ଯେକୌଣସି ପ୍ରକାର ସନ୍ତ୍ରାସବାଦୀ କାର୍ଯ୍ୟ ପ୍ରତି ସରକାରଙ୍କର ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରାଯାଉଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଏହି ବିସ୍ଫୋରଣ ପରେ ଦେଶର ସୁରକ୍ଷା ସଂସ୍ଥା ବିଭିନ୍ନ ପକ୍ଷ ଏବଂ ନାଗରିକଙ୍କ ସଙ୍ଗେ ଉତ୍ତମ ତାଳମେଳ ସହିତ ସମୟୋପଯୋଗୀ ପଦକ୍ଷେପ ନେଇଥିବାରୁ କ୍ୟାବିନେଟ୍ ଏହାର ପ୍ରଶଂସା କରିଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷ, ସେମାନଙ୍କ ସହଯୋଗୀ ତଥା ପ୍ରାୟୋଜକଙ୍କୁ କଠୋର ଶାସ୍ତି

ଦିଆଯିବା ଲାଗି ତଦନ୍ତ ପ୍ରକ୍ରିୟାକୁ ଏକ ପେଶାଦାର ମନୋବୃତ୍ତି ସହିତ ତ୍ୱରାନ୍ୱିତ କରିବାକୁ କ୍ୟାବିନେଟ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରପ୍ତାନୀ ପ୍ରୋତ୍ସାହନ ମିଶନ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଭାରତର ରପ୍ତାନୀ କାରବାରକୁ ଅଧିକ ସଶକ୍ତ କରିବା ବିଶେଷ କରି ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଏବଂ ପ୍ରଥମଥର ରପ୍ତାନୀ କରୁଥିବା ସଂସ୍ଥା ଓ ଶ୍ରମିକମାନଙ୍କର କଲ୍ୟାଣ ଲାଗି ୨୦୨୫-୨୬ କେନ୍ଦ୍ରୀୟ ବଜେଟ୍‌ରେ ଏହି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଥିଲା ଓ ଏଥିଲାଗି ୨୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଚଳିତ ଆର୍ଥିକ ବର୍ଷରୁ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏହି ମିଶନ୍ କାର୍ଯ୍ୟ କରିବ । ବିଶ୍ୱସ୍ତରରେ ବାଣିଜ୍ୟିକ ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା କରିବା ସହିତ ଏହି ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି–

**V/O-1-ASHWINI--EXPORT-PROMOTION-MISSIO0N**

# କ୍ୟାବିନେଟ୍‌-ବୈଷ୍ଣବ

କେନ୍ଦ୍ର କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ସିଜିୟମ୍‌, ଗ୍ରାଫାଇଟ୍‌, ରୁବିଡିୟମ୍‌ ଏବଂ ଜିର୍କୋନିୟମ୍‌ ଭଳି ଚାରୋଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ଉପରେ ସଂଶୋଧିତ ରୟାଲ୍ଟିହାର ସମ୍ପର୍କିତ ଏକ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହାଦ୍ୱାରା ଏହି ୪ଟି ଖଣିଜଦ୍ରବ୍ୟ ଥିବା ବ୍ଲକ୍‌ ଗୁଡ଼ିକୁ ନିଲାମ କରିବା ଲାଗି ପ୍ରୋତ୍ସାହିତ କରାଯାଇ ପାରିବ । ଏତଦ୍‌ବ୍ୟତୀତ ଏହି ଚାରୋଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମେତ ସେଥିମଧ୍ୟରେ ଥିବା ଲିଥିୟମ୍‌, ଟଙ୍ଗଷ୍ଟେନ୍‌, ନିଓବିୟମ୍‌ ଭଳି ଖଣିଜ ଦ୍ରବ୍ୟର ଘରୋଇ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଏହାର ଆମଦାନୀ ହ୍ରାସ ପାଇବ । ଏହାଦ୍ୱାରା ଦେଶରେ ଅଧିକ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ପ୍ରେଜ୍‌ ବୋତ୍ସ୍ୱାନା

ପ୍ରକଳ୍ପ ଚିତା ଅଧୀନରେ ଆଜି ବୋତ୍ସ୍ୱାନା ଭାରତକୁ ଚିତା ବାଘ ହସ୍ତାନ୍ତର କରିବ । ଗତକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ତାଙ୍କର ବୋତ୍ସ୍ୱାନା ପ୍ରତିପକ୍ଷ ଡୁମା ବୋକୋଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିପକ୍ଷିୟ ବୈଠକ ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଯାୟୀ ବୋତ୍ସ୍ୱାନା ଭାରତକୁ ୮ଟି ଚିତା ହସ୍ତାନ୍ତର କରିବ ।

ଏହି ବାଘ ବିଲୁପ୍ତ ହେବାର ଦଶନ୍ଧି ପରେ ବିଦେଶରୁ ଭାରତକୁ ଚିତା ଅଣାଯିବା କାର୍ଯ୍ୟକ୍ରମ ସରକାରଙ୍କ ଏକ ଅନନ୍ୟ ପଦକ୍ଷେପ । ଏଥିଲାଗି

ରାଷ୍ଟ୍ରପତି ମୁର୍ମୁ ବୋତ୍ସ୍ୱାନାକୁ ଧନ୍ୟବାଦ ଦେବା ସହିତ ଭାରତ ଏହି ଚିତା ଗୁଡ଼ିକର ଉତ୍ତମ ଯତ୍ନ ନେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେହିଭଳି ଅନୁକୂଳ ପରିବେଶଗତ ଲକ୍ଷ୍ୟ ହାସଲ ଏବଂ ଜୈବ ବିବିଧତାକୁ ପ୍ରୋତ୍ସାହନ ଦେବା ଦିଗରେ ଉଭୟ ଦେଶ ମଧ୍ୟରେ ହୋଇଥିବା ପ୍ରକଳ୍ପ ଚିତା ଚୁକ୍ତିନାମା ସହାୟକ ହେବ ବୋଲି ରାଷ୍ଟ୍ରପତି ଡୁମା ବୋକ କହିଛନ୍ତି ।

ବୋତ୍ସ୍ୱାନା ଗସ୍ତ ଶେଷ କରିବା ପୂର୍ବରୁ ଆଜି ରାଷ୍ଟ୍ରପତି ମୁର୍ମୁ ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସହିତ ଭାବବିନିମୟ କରିବେ । ଗତକାଲି ରାଷ୍ଟ୍ରପତି ମୁର୍ମୁଙ୍କ ସମ୍ମାନାର୍ଥେ ତାଙ୍କର ବୋତ୍ସ୍ୱାନା ପ୍ରତିପକ୍ଷ ଏକ ନୈଶ୍ୟ ଭୋଜିର ଆୟୋଜନ କରିଥିଲେ ।

## ବିହାର-ଇଲେକ୍ସନ୍

ବିହାର ବିଧାନସଭା ନିର୍ବାଚନର ଭୋଟ ଗଣତି ଆସନ୍ତାକାଲି ଅନୁଷ୍ଠିତ ହେବ । ରାଜ୍ୟର ୩୮ଟି ଜିଲ୍ଲାରେ ୪୬ଟି ଗଣତି କେନ୍ଦ୍ରରେ ଏହି ଭୋଟ୍ ଗଣତି କାର୍ଯ୍ୟ କରାଯିବ । ଆସନ୍ତାକାଲି ସକାଳ ୮ଟାରେ ଏହି ଗଣତି ଆରମ୍ଭ ହେବ ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି; ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ରାଜନୈତିକ ଭାଗ୍ୟ ବନ୍ଦ ହୋଇ ରହିଥିବା ଇ.ଭି.ଏମ୍.ଗୁଡ଼ିକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଷ୍ଟ୍ରଙ୍ଗ୍‌ରୁମ୍ ଗୁଡ଼ିକରେ ରଖାଯାଇଛି । ଏହି ସୁରକ୍ଷା ଦାୟିତ୍ୱରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଓ ରାଜ୍ୟ ପୁଲିସ୍ ବାହିନୀଙ୍କୁ ନିୟୋଜିତ କରାଯାଇଛି । ଏତଦ୍‌ବ୍ୟତୀତ ସି.ସି.ଟିଭି

ମାଧ୍ୟମରେ ସତର୍କ ଦୃଷ୍ଟି ରଖାଯିବା ସହିତ ପ୍ରତ୍ୟେକ ଷ୍ଟ୍ରଙ୍ଗ୍‌ରୁମ୍ ପରିସରରେ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ଖୋଲାଯାଇଛି । ଗଣତି ସମୟରେ **17C** ଫର୍ମ ଓ ଇ.ଭି.ଏମ୍. ତଥ୍ୟ ମଧ୍ୟରେ ଯଦି କୌଣସି ପ୍ରକାର ଅମେଳ ଦେଖାଯାଏ ତେବେ ସେଭଳି କ୍ଷେତ୍ରରେ ଭିଭିପାଟ୍ ଗଣତି କରିବା ବାଧ୍ୟତା ମୂଳକ ବୋଲି ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ବିହାର ନିର୍ବାଚନ ସହିତ ଦେଶରେ ଓଡ଼ିଶାର ନୂଆପଡ଼ା  ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ମତଦାନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ରାଜ୍ୟର ନିର୍ବାଚନ ମଣ୍ଡଳୀ ଗୁଡ଼ିକ ହେଲା – ଜାମ୍ମୁକାଶ୍ମୀରର ବୋଡ଼ଗୋଓଁ ଏବଂ ନାଗ୍ରୋଟା, ରାଜସ୍ଥାନର ଆଣ୍ଟା, ଝାଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍‌ସ, ପଞ୍ଜାବର ତର୍ନତରନ୍ ଏବଂ ମିଜୋରାମର ଡମ୍ପା। ଏହି ସବୁ ଉପନିର୍ବାଚନର ଭୋଟ ଗଣତି ମଧ୍ୟ ଆସନ୍ତାକାଲି ଅନୁଷ୍ଠିତ ହେବ ।

## ଗୋୟଲ୍-ଟ୍ରାଇବାଲ୍ ବିଜ୍‌ନେସ୍ କନ୍‌କ୍ଲେଭ୍

ରପ୍ତାନୀ ସାମର୍ଥ୍ୟ ରଖିଥିବା ସମସ୍ତ ଜନଜାତି ଉତ୍ପାଦକୁ ଆନ୍ତର୍ଜାତିକ ବଜାରରେ ପ୍ରୋତ୍ସାହିତ କରିବା ଲାଗି ସରକାର ସମସ୍ତ ପଦକ୍ଷେପ ନେବେ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଜନଜାତି ବ୍ୟବସାୟୀକ କନ୍‌କ୍ଲେଭ୍ ୨୦୨୫ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଗୋୟଲ କହିଛନ୍ତି, ଉଭୟ

ଘରୋଇ ଏବଂ ଆନ୍ତର୍ଜାତିକ ବଜାରରେ ଜନଜାତି ଉତ୍ପାଦ ଏବଂ କାରିଗରୀର ପ୍ରଚୁର ସମ୍ଭାବନା ରହିଛି ।

ଏଭଳି ଉତ୍ପାଦଗୁଡ଼ିକର ଉପଯୁକ୍ତ ବିପଣନ ସହିତ ଯେଭଳି ରପ୍ତାନୀ କାରବାରକୁ ସଶକ୍ତ କରାଯାଇ ପାରିବ ସେଥିଲାଗି ସରକାର ଏକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏ ଦିଗରେ ସରକାରଙ୍କ ଅନ୍ୟ ଏକ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ଗୋୟଲ କହିଛନ୍ତି, କେନ୍ଦ୍ରୀୟ ବଜେଟ୍‌ରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଲାଗି ବଜେଟ୍ ପରିମାଣକୁ ଚଳିତ ବର୍ଷ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି । ଏତଦ୍‌ବ୍ୟତୀତ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀର ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ପ୍ରାୟ ୧୨ ଲକ୍ଷ ଜନଜାତି ସମ୍ପ୍ରଦାୟ ବ୍ୟକ୍ତିଙ୍କ କଲ୍ୟାଣ ଲାଗି ସରକାର ୩ ହଜାର ୯୦୦ ବନ୍ ଧନ୍ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହି କେନ୍ଦ୍ରଗୁଡ଼ିକୁ ବ୍ୟାପାର୍ ଧନ୍‌ରେ ରୂପାନ୍ତରିତ କରିବା ଦିଗରେ ମିଳିତ ପ୍ରୟାସ କରିବା ଲାଗି ଶ୍ରୀ ଗୋୟଲ୍ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି, ଜନଜାତି ସମ୍ପ୍ରଦାୟ ହେଉଛନ୍ତି ପ୍ରାକୃତିକ ସମ୍ପଦ ଓ ଜ୍ଞାନର ତତ୍ତ୍ୱାବଧାରକ । ଦେଶର ଜନଜାତି ବହୁଳ ଅଞ୍ଚଳରେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଓ ହସ୍ତତନ୍ତ ଉତ୍ପାଦର ଭଣ୍ଡାର ରହିଛି । ଦେଶର ବିକାଶ କ୍ଷେତ୍ରରେ ଜନଜାତିଙ୍କର ଏହି କ୍ଷମତାକୁ ସମୃଦ୍ଧିରେ ପରିଣତ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଓରାମ୍ କହିଛନ୍ତି ।

## ଟିବି-ଇଣ୍ଡିଆ

ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ପ୍ରାୟ ୨୧ ପ୍ରତିଶତ ଯକ୍ଷ୍ମା ରୋଗୀ ହ୍ରାସ ପାଇଛନ୍ତି । ଏହି ହାର ବିଶ୍ୱସ୍ତରର ହାର ଠାରୁ ଦୁଇଗୁଣ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ୍‌ରେ ଦର୍ଶାଯାଇଛି । ୨୦୧୫ ମସିହାରେ ଦେଶରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୩୭ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହେଉଥିବା ସମୟରେ ୨୦୨୪ରେ ଏହି ସଂଖ୍ୟା ୧୮୭କୁ ହ୍ରାସ ପାଇଛି । ସେହିଭଳି ୨୦୧୫ରେ ପ୍ରତି ୧ ଲକ୍ଷ ଲୋକଙ୍କ ମଧ୍ୟରେ ୨୮ ଜଣଙ୍କର ଯକ୍ଷ୍ମା ସଂକ୍ରମଣରେ ମୃତ୍ୟୁ ହେଉଥିବା ବେଳେ ଗତବର୍ଷ ଏହା ୨୧କୁ ହ୍ରାସ ପାଇଛି । ଦେଶରେ ଯକ୍ଷ୍ମାର ମୂଳୋତ୍ପାଟନ କରିବା ଲାଗି ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ସ୍ଥାପନ, ନିକ୍ଷୟ ପୋଷଣ ଯୋଜନା ଆଦି କାର୍ଯ୍ୟକାରୀ କରାଯାଉଛି ।

## ବାଲ୍ ପୁରସ୍କାର

ସାହିତ୍ୟ ଏକାଡେମୀ-ବାଲ ସାହିତ୍ୟ ପୁରସ୍କାର ୨୦୨୫ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରଦାନ କରାଯିବ। ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକ ଶିଶୁ ସାହିତ୍ୟରେ କ୍ଷେତ୍ରରେ ଏହି ବାର୍ଷିକ ପୁରସ୍କାର ପ୍ରଦାନ କରିବେ। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମନୋନୀତ ହୋଇଥିବା ଲେଖକମାନଙ୍କୁ କାଂସ୍ୟ ଫଳକ ସହିତ ପଚାଶ ହଜାର ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରାଯିବ। ହିନ୍ଦୀ ସାହିତ୍ୟରେ ପାଇଁ ସୁଶୀଳ ଶୁକ୍ଳାଙ୍କୁ ପୁରସ୍କାର ପ୍ରଦାନ କରାଯିବାକୁ ଥିବାବେଳେ ଇଂରାଜୀ ଭାଷାରେ ଶିଶୁ ସାହିତ୍ୟ ପାଇଁ ନୀତିନ କୁଶଲପ୍ପାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।

# କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ କ୍ରିକେଟ୍ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଖେଳାଯିବ । ଶୁଭମନ ଗିଲ୍ ଭାରତୀୟ ଦଳର ଅଧିନାୟକତ୍ୱ କରୁଥିବା ବେଳେ ଦକ୍ଷିଣ ଆଫ୍ରିକା ନେତୃତ୍ୱ ନେଉଛନ୍ତି ଟେମ୍ବା ବାବୁମା ।